I

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ନଂ. 5078 / VII-12/18 **ଇସ୍ତାହାର** ତା. 11/5/2018

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ନିମ୍ନଲିଖିତ ଘିଅ ଦୀପ ଦୋକାନଗୁଡିକୁ ୨୦୧୮-୧୯ ବର୍ଷ (ନିଲାମ ସିଦ୍ଧ ହେବା ଦିନ ଠାରୁ) ରୁ ୨୦୨୦-୨୦୨୧ ବର୍ଷ (ତା.୩୧.୩.୨୦୨୧ ରିଖ) ପର୍ଯ୍ୟନ୍ତ ନିମନ୍ତେ **ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ଗ୍ରାଣ୍ଡ ରୋଡ,ପୁରୀଠାରେ** ପ୍ରଶାସକ(ଉନ୍ନୟନ)ଙ୍କ ଦ୍ଵାରା ନିଲାମ ଦିଆଯିବ । ପ୍ରଥମ ବର୍ଷର ନିଲାମ ମୂଲ୍ୟ ଉପରେ ୧୦% ବୃଦ୍ଧି କରାଯାଇ ଦ୍ଵିତୀୟ ବର୍ଷ ପାଇଁ ଓ ତା ଉପରେ ୧୦% ବୃଦ୍ଧି କରାଯାଇ ୩ୟ ବର୍ଷ ପାଇଁ ଲାଇସେନ୍ସ ପ୍ରଦାନ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ଏଥି ପାଇଁ ଟେଣ୍ଡର ପେପର ଓ ତାହାର ସର୍ତ୍ତାବଳୀ ଶ୍ରୀମନ୍ଦିର କାର୍ଯ୍ୟାଳୟ,ପୁରୀରୁ କାର୍ଯ୍ୟ ଦିବସମାନଙ୍କରେ କାର୍ଯ୍ୟାଳୟ ସମୟରେ ନିଲାମ ଇସ୍ତାହାର ପ୍ରକାଶିତ ହେବା ଦିନ ଠାରୁ **ତା.୧୯.୦୫.୨୦୧୮ରିଖ ଅପରାହ୍ନ ଘ୩.୦୦ଣ୍ଟା** ମଧ୍ୟରେ ଟ.୧୦୦/- ଦେଇ କ୍ରୟ କରିପାରିବେ । ଉକ୍ତ ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଧାର୍ଯ୍ୟମୂଲ୍ୟ (Upset Price) ର ୧୦% ଆଦ୍ୟ ପ୍ରତିଭୂତି ଜମା (Initial Security deposit)ଦାଖଲ କରି ନିଲାମରେ ଭାଗ ନେଇପାରିବେ । ଏହି ଆଦ୍ୟ ପ୍ରତିଭୂତି ଜମା (Initial Security deposit) "Chief Administrator, Shree Jaganath Temple, Puri" ଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ / ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦାଖଲ କରାଯିବା ଆବଶ୍ୟକ । ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଯଉମୁଦ ଲଫାପାରେ ବ୍ୟାଙ୍କ ଡ୍ରାଫ୍ଟ / ଶ୍ରୀମନ୍ଦିର କାର୍ଯ୍ୟାଳୟ ଜମା ରସିଦ୍‌ର ମୂଳ କପି ସହିତ ସର୍ବୋଚ୍ଚ କେତେ ମୂଲ୍ୟରେ କେଉଁ ଘିଅ ଦୀପ ଦୋକାନକୁ ନିଲାମ ନେବା ପାଇଁ ଚାହୁଁଛନ୍ତି ତାହା ଟେଣ୍ଡର ଫର୍ମରେ ଦର୍ଶାଇବେ । ନିଲାମ ଅଂଶଗ୍ରହଣକାରୀ ନିଲାମ କାଗଜାତ୍ ସହିତ ନିଜର ଫଟୋ ପରିଚୟ ପତ୍ର ବା ଆଧାର କାର୍ଡର ନକଲରେ ନିଜସ୍ଵାକ୍ଷରିତ କରି ସଂଲଗ୍ନ କରିବେ । ଏହି ନିଲାମ ପତ୍ର (Tender Papers) ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ,ପୁରୀ ଠାରେ ଥିବା ଟେଣ୍ଡର ବାକ୍ସରେ କାର୍ଯ୍ୟ ଦିବସ ମାନଙ୍କରେ ପକାଇ ପାରିବେ କିମ୍ବା ରେଜେଷ୍ଟ୍ରି ଡାକ ବା କ୍ଷିପ୍ରବାହକ (Courier Post) ମାଧ୍ୟମରେ "Chief Administrator, Shree Jaganath Temple, Puri" ଙ୍କ ଠିକଣାରେ ପଠାଇ ପାରିବେ । ଏହି ନିଲାମ କାଗଜାତ୍ (Tender Papers) ନିଲାମ ଇସ୍ତାହାର ପ୍ରକାଶ ହେବା ଦିନ ଠାରୁ **ତା.୧୯.୦୫.୨୦୧୮ ରିଖ ଅପରାହ୍ନ ୫ ଘଟିକା** ମଧ୍ୟରେ ଶ୍ରୀମନ୍ଦିର ସଦର କାର୍ଯ୍ୟାଳୟରେ ପହଞ୍ଚିବା ବା ହସ୍ତଗତ ହେବା ଆବଶ୍ୟକ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ କିମ୍ବା ବିଚାରକୁ ନିଆଯିବ ନାହିଁ । ହସ୍ତଗତ ହୋଇଥିବା ନିଲାମ ଦରଖାସ୍ତଗୁଡିକ **ତା.୨୧.୦୫.୨୦୧୮ରିଖ ଦିବା ଘ୧୧.୩୦ମି.** ସମୟରେ ଖୋଲାଯାଇ ଯୋଗ୍ୟ ବିବେଚିତ ଟେଣ୍ଡର ଦାତାଙ୍କର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରାଯିବ । ସର୍ବୋଚ୍ଚ ମୂଲ୍ୟ ପ୍ରଦାନକାରୀ ନିଲାମ ମୂଲ୍ୟର ଶତକଡା ୫୦% ଉକ୍ତ ଦିନ ପଇଠ କରିବେ ଓ ଅବଶିଷ୍ଟ ନିଲାମ ମୂଲ୍ୟ (ଆଦ୍ୟ ପ୍ରତିଭୂତି ଜମା ବାଦ୍‌ଦେଇ) ୭ ଦିନ ମଧ୍ୟରେ ଦାଖଲ କଲା ପରେ ନିଲାମ ଦୃଢିକରଣ କରାଯିବ । ନିଲାମରେ ସ୍ଥିର ହୋଇଥିବା ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ କ୍ଷମତା ପ୍ରାପ୍ତ ଅଧିକାରୀ ବାଧ୍ୟ ନୁହନ୍ତି ଓ ଆବଶ୍ୟକ ସ୍ଥଳେ କୌଣସି କାରଣ ନଦର୍ଶାଇ ନିଲାମ ଖାରଜ କରିପାରିବେ । ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତି ନିଲାମ ଟେଣ୍ଡର ପକାଇବା ପୂର୍ବରୁ ଦୀପ ଦୋକାନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ନିୟମାବଳୀ କାର୍ଯ୍ୟଦିବସମାନଙ୍କର ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ ଠାରେ କିମ୍ବା ଶ୍ରୀମନ୍ଦିର ୱେବ୍‌ସାଇଟ୍ (www.jagannath.nic.in) ରେ ଦେଖିପାରିବେ । ନିଲାମ ଗ୍ରହୀତା ଶ୍ରୀମନ୍ଦିର ପ୍ରଶାସନ ସହ ଆବଶ୍ୟକୀୟ ଚୁକ୍ତିପତ୍ର ସଂପାଦନ କରି ଚୁକ୍ତି ମୁତାବକ ଦୀପ ଦୋକାନ ପରିଚାଳନା କରିବେ ଓ ଟେଣ୍ଡର ସର୍ତ୍ତାବଳୀ ପରିପାଳନୀୟ ଅଟେ ।

11/5/18

ପ୍ରଶାସକ

ଶ୍ରୀ ଜଗନ୍ନାଥ ମନ୍ଦିର,ପୁରୀ